ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର

ଭଟଲି : ଭଟଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଶ୍ରୀ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରହଲ୍ଲାଦ ସହାୟ ମୀନାଙ୍କ ମିଳିତ ଅଧକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରହଲ୍ଲାଦ ସହାୟ ମୀନାଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଲଲାଟ କୁମାର ଲୁହା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରୀ କୁବେର ଚନ୍ଦ୍ର ମହାନ୍ତି, ଭଟଲି ତହସିଲଦାର ଶ୍ରୀ ରାମକୃଷ୍ଣ ମିଶ୍ର, ଭଟଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ପ୍ରମୋଦ ଚନ୍ଦ୍ର ମେହେର ଏବଂ ବ୍ଲକ ଅଧକ୍ଷ ଶ୍ରୀ ନିତ୍ୟାନନ୍ଦ ପଧାନ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ସୂଚନାଯୋଗ୍ୟକି, ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ

ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଅଧାରିତ ସମୁଦାୟ ୩୪ ଗୋଟି ଅଭିଯୋଗ ମଧ୍ୟରୁ ୨୬ ଗୋଟି ବ୍ୟକ୍ତିଗତ, ୦୮ ଗୋଟି ସାମୁହିକ ଅଭିଯୋଗର ଏବଂ ଶୁଣାଣି ସମୟରେ ୦୨ ଗୋଟି ଅଭିଯୋଗର ତତକ୍ଷଣାତ୍ ସମାଧାନ କରି ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଯୋଗ ପରିବାର ପକ୍ଷରୁ ଯୋଗ ସଚେତନତା ଶିବିର

ସମ୍ବଲପୁର, : ଯୋଗ ପରିବାର ପକ୍ଷରୁ ଆଜି ଯୋଗ ସଚେତନତା ଶିବିର ସହ ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଥିଲା ! ଏଥିରେ ଶ୍ରୀ ସୁଧୀର ମିଶ୍ର ଙ୍କ ଅଧ୍ୟକ୍ଷତା ରେ ଆଜିର ଏହି କାର୍ଯ୍ୟକ୍ରମ ର ମୁଖ୍ୟ ଅତିଥିଭାବେ ସମ୍ବଲପୁର ଜିଲ୍ଲା ପୂର୍ତ୍ତ ବିଭାଗ ଯନ୍ତ୍ରୀ ଶ୍ରୀମାନ ଶଶୀକାନ୍ତ ଜେନା, ସମ୍ମାନିତ ଅତିଥି ଭାବେ ଶ୍ରୀମାନ ଜଗଦୀଶ ତ୍ରିପାଠୀ,ସମ୍ମାନିତ ଅତିଥି ଶ୍ରୀମାନ ଯୋଗ ଗୁରୁ ଟିକେଲାଲ ଭୋଇ, ମୁଖ୍ୟ ବକ୍ତା ହରିହର ମିଶ୍ର ଓ ଯୋଗ ପରିବାର ର ସଂଯୋଜକ ଶ୍ରୀମାନ ଭବାନୀଶ ଭୋଇ ମଂଚାସୀନ ଥିଲେ ! ପ୍ରାରମ୍ଭ ରେ ସମ୍ବଲପୁର ର ଅଧିଷ୍ଠାତ୍ରୀ ଦେବୀ ମା ସମଲେଶ୍ୱରୀ ଙ୍କ ତୈଳ ଚିତ୍ର ରେ ମାଲ୍ୟାର୍ପଣ ସହ, କାର୍ଯ୍ୟକ୍ରମ ଟିକୁ ଶ୍ରୀ ବିଚିତ୍ରାନନ୍ଦ ଆଚାର୍ଯ୍ୟ ଓ ଶ୍ରୀମତୀ ସଂଗୀତା ମହାପାତ୍ର ପରିଚାଳନା କରିଥିଲେ।ଏହି ଅବସରରେ ଯୋଗ ପରିବାର ର ସଦସ୍ୟ ଶ୍ରୀ ବିରଞ୍ଚି ନାୟକ, ଶ୍ରୀମତୀ ରାକ୍ଷୀ ମିଶ୍ର, ଶ୍ରୀମତୀ ନଳିନୀ ଆଚାର୍ଯ୍ୟ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକାନ ଦେଇ ସମ୍ମାନିତ କରିଥିଲେ।ଶ୍ରୀମତୀ ସୁଷମା ପ୍ରଧାନ ସ୍ୱାଗତ ସମ୍ଭାଷଣ ସହ ସମ୍ବଲପୁରୀ କବିତା, ଶ୍ରୀଷକ 'ସମ୍ବଲପୁରର କଥା 'ପାଠ ଅତି ଉଚ୍ଚ କୋଟିର ହୋଇଥିଲା।ଏହି ଅବସରରେ

ମୁଖ୍ୟ ଅତିଥି ଶ୍ରୀ ଜେନା କହିଥିଲେ ଯେ ସେ ପରିବାର ଛାଡି ସୁଦୂର ବାରିପଦା ରୁ ସମ୍ବଲପୁର ଆସିଲା ପରେ ତାଙ୍କର କର୍ମମୟ ଜୀବନ ରେ ସେ ଏକାକୀ ଅନୁଭବ କରୁଥିଲେ ଯଦ୍ୱାର ତାଙ୍କର କର୍ମମୟ ଜୀବନ ରେ ସେ ଅଶାନ୍ତି ଓ ଅସୁସ୍ଥ ଅନୁଭବ କରୁଥିଲେ, ନିୟମିତ ଯୋଗଭ୍ୟାସ ଦ୍ୱାରା ସେ ନିଜ କୁ ସୁସ୍ଥ ଓ ମାନସିକ ଶାନ୍ତି ସହ ଅନୁଭବ ଉପରେ ଆଲୋକପାତ କରିଥିଲେ !ଏଥିରେ ସମ୍ମାନିତ ଅତିଥି ଶ୍ରୀମାନ ତ୍ରିପାଠୀ ଯୋଗ ପରିବାର କୁ ଭୁୟସୀ ପ୍ରଶଂସା କରିଥିଲେ ! ଯୋଗ ଗୁରୁ ଶ୍ରୀ ଭୋଇ କହିଥିଲେ ଯେ ନିୟମିତ ଯୋଗ ସାଧନା ଦ୍ୱାରା ମଣିଷ ଦୈନନ୍ଦିନ ଜୀବନରେ ତାରା ମନ, ଶରୀର, ଆଚାର, ବିଚାର ଉପରେ ଅନୁକୂଳ ପ୍ରଭାବ ପଡିବା ସହ ପ୍ରତେକ କାର୍ଯ୍ୟ ରେ ଉତ୍ସାହ ପ୍ରଦାନ କରେ ବୋଲି ଉଲେଖ କରିଥିଲେ !ମୁଖ୍ୟ ବକ୍ତା ଶ୍ରୀ ମିଶ୍ର ଶ୍ରୀ ଜଗନ୍ନାଥ ଙ୍କ ଶ୍ଳୋକାବୃତ୍ତି ସହ ଯୋଗ ର ଉପକାରିତା ଉପରେ ବିବୃତି ପ୍ରଦାନ କରିଥିଲେ। ସଂଯୋଜକ ଭବାନୀଶ ଭୋଇ କହି ଥିଲେ ଯେ ଏକ ସୁସ୍ଥ ସମାଜ ଗଠନ ରେ ଯୋଗ ର ପ୍ରମୁଖ ଭୂମିକା ରହିଅଛି ତେଣୁ ନିୟମିତ ଯୋଗଭ୍ୟାସ ଜରୁରୀ ଅଟେ। ଶେଷରେ ଶ୍ରୀ ଉଦୀପ୍ତ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁଶ୍ରୀ ଅର୍ପିତା ମିଶ୍ର ଓ ଶ୍ରୀ ସୁଧୀର ମିଶ୍ର ସଂଗୀତ ପରିବେଷଣ କରିଥିଲେ! ଯୋଗ ପରିବାରର ବରିଷ୍ଠ ସଦସ୍ୟ ଶ୍ରୀ ଅଶୋକ ସାହୁ ଓ ଯୁବ ସଦସ୍ୟ ଶ୍ରୀ କ୍ଷିତୀଶ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ପ୍ରୀତିଭୋଜନର ବ୍ୟବସ୍ଥା କରାଯାଇଥିଲା। ଏଥିରେ ଯୋଗ ପରିବାରର ଶ୍ରୀ ପ୍ରଦୀପ୍ତ କିଶୋର ସୁଣାରୀ, ସ୍ୱରୂପ ପାତ୍ର, ଅଶୋକ ମହାନ୍ତି, ଉଗ୍ରସେନ ପୋଡ଼, ବିଜୟ ବର୍ମା,ବିକାଶ ତ୍ରିପାଠୀ, କିଶୋର ଧରେଇ, ନିହାର ରଞ୍ଜନ ବିଶ୍ୱାଳ, ମନୋଜ ପଣ୍ଡା, ଗୋପାଳ ପାଢ଼ୀ,ଭାସ୍କର ବାଗ, ନରେନ୍ଦ୍ର ପଟେଲ,ଶ୍ରୀମତୀ ପ୍ରତିଭା ଦାସ, ଶ୍ରୀମତୀ କିରଣ ବାଳା ଆଚାର୍ଯ୍ୟ, ପରିଣିତା ବର୍ମା, ସୁଭଦ୍ରା ସାହୁ ପ୍ରମୁଖ ଯୋଗଦାନ କରିଥିଲେ।

ପରିଚାଳନା ନେଟୱାର୍କକୁ ଉନ୍ନତ କରିବା ପାଇଁ ୨୦୦୦ କୋଟିର ନିବେଶ କରିବ ଆମାଜନ ଇଣ୍ଡିଆ

ଭୁବନେଶ୍ୱର: ଭାରତର ସବୁଠାରୁ ସୁରକ୍ଷିତ, ଦ୍ରୁତତମ ଓ ନିର୍ଭରଯୋଗ୍ୟ ପରିଚାଳନା ନେଟୱାର୍କର ନିର୍ମାଣ ଓ କାର୍ଯ୍ୟକାରିତା ପ୍ରତି ନିଜର ପ୍ରତିବଦ୍ଧତାର ଅଂଶ ଭାବେ ଆମାଜନ ୨୦୨୫ରେ ୨୦୦୦ କୋଟି ଟଙ୍କା (୨୩୩ ମିଲିୟନ ଡଲାର) ନିବେଶ କରିବ। ଏହି ନିବେଶ ଅର୍ଥକ. ପରିଚାଳନା ଭିତ୍ତିଭୂମିର ସମ୍ପ୍ରସାରଣ ଓ ଅପଗ୍ରେଡ କରିବା, ସହଯୋଗୀଙ୍କ ସୁରକ୍ଷା ଓ ସୁସ୍ଥତା କାର୍ଯ୍ୟକ୍ରମକୁ ଉନ୍ନତ କରିବା ଏବଂ ଏହର ଫୁଲଫିଲମେଂଟ ନେଟୱାର୍କ ପାଇଁ ନୂଆ ଟୁଲ ଓ ଟେକ୍ନୋଲୋଜି ବିକଶିତ କରିବା ପାଇଁ ବ୍ୟବହାର କରାଯିବ। ଏହା କମ୍ପାନୀକୁ ଭାରତର ସମସ୍ତ ସର୍ଭିସେବୁଲ ପିନକୋଡରେ ସେବା ପ୍ରଦାନ କରିବାରେ ସାହାଯ୍ୟ କରିବ। ଏହି ନିବେଶ କମ୍ପାନୀର ପରିଚାଳନା ନେଟୱାର୍କରେ ପ୍ରୋସେସିଂ କ୍ଷମତା ବଢାଇବ, ଫୁଲଫିଲମେଂଟ ବେଗକୁ ଉନ୍ନତ କରିବ ଓ ଦକ୍ଷତା ବୃଦ୍ଧି କରିବ ଯାହା ଆମାଜନକୁ ଭାରତର ଗ୍ରାହକଙ୍କୁ ଅଧିକ ଦ୍ରୁତ ଓ ନିର୍ଭରଯୋଗ୍ୟ ଭାବେ ସେବା ପ୍ରଦାନ କରିବାରେ ସାହାଯ୍ୟ କରିବ। ଏସମ୍ପର୍କରେ ଆମାଜନ ଇଣ୍ଡିଆ ଓ ଅଷ୍ଟ୍ରେଲିଆର ଅପରେଶନ୍ସ ବିଭାଗର ଭିପି ଅଭିନବ ସିଂହ କହିଛନ୍ତି, "ଏହି ନୂତନ ନିବେଶ ଆମର ଫୁଲଫିଲମେଂଟ, ସର୍ଟେଶନ ଓ ଡେଲିଭରି ନେଟୱାର୍କରେ ଆମର ପରିଚାଳନାଗୁଡିକୁ ନିରନ୍ତର ଭାବେ ବିସ୍ତାର ଓ ଅପଗ୍ରେଡ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି। ଆମର ଭିତିଭୂମି କ୍ଷମତାଗୁଡିକୁ ମଜବୁତ କରି, ପ୍ରୋସେସିଂ କ୍ଷମତା ବୃଦ୍ଧି କରି ଓ ଅତ୍ୟାଧୁନିକ ଟେକ୍ନୋଲୋଜିକୁ ଉପଯୋଗ କରି ଆମେ ଆମାଜନକୁ ଭାରତବ୍ୟାପୀ ଗ୍ରାହକଙ୍କୁ ସର୍ବୋତମ ସେବା ପ୍ରଦାନ କରିବା ପାଇଁ ସୁବ୍ୟବସ୍ଥିତ କରୁଛୁ ଏବଂ ଆମର କର୍ମଚାରୀ, ଆସୋସିଏଟ ଓ ପାର୍ଟନରଙ୍କୁ ସହଯୋଗ କରୁଛୁ ଯିଏ ଆମ ପରିଚାଳନାର କେନ୍ଦ୍ର ଅଟନ୍ତି। ଆମାଜନ ଏହାର ନିବେଶ ଏବଂ ପରିଚାଳନା ନେଟୱାର୍କରେ କର୍ମଚାରୀ ଓ ସହଯୋଗୀଙ୍କ ସ୍ୱାସ୍ଥ୍ୟ ଓ ଆର୍ଥିକ କଲ୍ୟାଣକୁ ଉନ୍ନତ କରିବା ପାଇଁ ଲକ୍ଷ୍ୟ ରଖିଥିବା ପଦକ୍ଷେପଗୁଡିକର ବିସ୍ତାର ଜାରି ରଖିବ।

ଏଚଡିଏଫସି ଲାଇଫ ପକ୍ଷରୁ ନୂଆ କ୍ୟାମ୍ପେନର ଶୁଭାରମ୍ଭ

କଟକ : ଭାରତର ଅନ୍ୟତମ ଅଗ୍ରଣୀ ଜୀବନ ବୀମାକାରୀ, ଏଚ୍‌ଡିଏଫସି ଲାଇଫ ଏହାର ନୂଆ କ୍ୟାମ୍ପେନର ଶୁଭାରମ୍ଭ କରିଛି। ଯେଉଁଥିରେ 'ଆପଣଙ୍କ ପରିବାରର ଭବିଷ୍ୟତ ପାଇଁ ଯୋଜନା କରିବା ସହିତ ଆଜିକୁ ଉପଭୋଗ କରନ୍ତୁ' ବାର୍ତା ସହ କମ୍ପାନୀ ପଶ୍ଚିମବଙ୍ଗ ଓ ଓଡିଶାର ଦର୍ଶକଙ୍କ ନିକଟରେ ପହଂଚିଛି। ଏହି ବିଜ୍ଞାପନ ଫିଲ୍ମରେ ପଶ୍ଚିମବଙ୍ଗର ଲୋକପ୍ରିୟ ଅଭିନେତା ଅବିର ଚାଟାର୍ଜୀ ଅଭିନୟ କରିଛନ୍ତି। ମଜବୁତ ସଂଯୋଗ ସ୍ଥାପନ କରିବା କ୍ଷେତ୍ରରେ ରିଜିଓନାଲ ମାର୍କେଟିଂ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହି ଆବଶ୍ୟକତାକୁ ଚିହ୍ନଟ କରି ଏଚ୍‌ଡିଏଫସି ଲାଇଫ ଗତବର୍ଷ ଏକ ସ୍ୱତନ୍ତ୍ର ଅଂଚଳ-କେନ୍ଦ୍ରିତ କ୍ୟାମ୍ପେନ ପଦ୍ଧତି ଆରମ୍ଭ କରିଥିଲା, ଯାହାକୁ ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକରେ ପ୍ରଥମେ ଆରମ୍ଭ କରାଯାଇଥିଲା। ଦକ୍ଷିଣ ଭାରତ ପରେ ଏଚ୍‌ଡିଏଫସି ଏବେ ଭାରତର ପୂର୍ବାଂଚଳ ରାଜ୍ୟଗୁଡିକ ଉପରେ ଗୁରୁତ୍ୱ ଦେବାକୁ ନିଷ୍ପତି ନେଇଛି। ପରିବାରର ଲକ୍ଷ୍ୟ ଓ ଆକାଂକ୍ଷା ନିଶ୍ଚିତ କରିବା ପାଇଁ ଜଣେ ବ୍ୟକ୍ତିଙ୍କୁ ସଠିକ ସମୟରେ ଆର୍ଥିକ ଯୋଜନା ପ୍ରସ୍ତୁତ କରି ନିଜର ଭବିଷ୍ୟତକୁ ସୁରକ୍ଷିତ ରଖିବାକୁ ହେବ। ବିଜ୍ଞାପନ ଫିଲ୍ମରେ ମୁଖ୍ୟ ନାୟକ ନିଜ ପିଲାଦିନର ସ୍ମୃତି ସମ୍ପର୍କରେ କହିବା ସମୟରେ ଏହି ବାର୍ତାକୁ ପ୍ରକାଶ କରିଛନ୍ତି। କ୍ୟାମ୍ପେନ ସମ୍ପର୍କରେ ଏଚ୍‌ଡିଏଫସି ଲାଇଫର ମାର୍କେଟିଂ ବିଭାଗର ମୁଖ୍ୟ ପ୍ରିତିକା ଶାହ କହିଛନ୍ତି, "ଆମର ପୂର୍ବର ଦକ୍ଷିଣ-କେନ୍ଦ୍ରିତ ପ୍ରୟାସଗୁଡିକୁ ମିଳିଥିବା ସକାରାତ୍ମକ ପ୍ରତିକ୍ରିୟା ଆମକୁ ଏହି ପଦ୍ଧତିକୁ ଭାରତର ଅନ୍ୟ ଅଂଶଗୁଡିକୁ ନେବା ପାଇଁ ପ୍ରୋତ୍ସାହିତ କରିଥିଲା। ଅବିର ଚାଟର୍ଜୀଙ୍କ ଅଭିନୀତ ଆମର ପ୍ରଥମ ପୂର୍ବାଂଚଳ-କେନ୍ଦ୍ରିତ କ୍ୟାମ୍ପେନକୁ ପଶ୍ଚିମବଙ୍ଗ ଓ ଓଡିଶାର ଦର୍ଶକଙ୍କ ପାଇଁ ଆରମ୍ଭ କରାଯାଇଛି। ଆମେ ବିଶ୍ୱାସ କରୁଛୁ ଯେ, ଆମର କ୍ୟାମ୍ପେନ ସହିତ ଆମେ ଆର୍ଥିକ ସ୍ୱାଧୀନତା ଦିଗରେ ଅଧିକରୁ ଅଧିକ ଲୋକଙ୍କୁ ସଂଯୋଗ ଓ ଅନୁପ୍ରାଣିତ କରିବାକୁ ସକ୍ଷମ ହେବୁ। ସେହିଭଳି ଏହାବ୍ୟତୀତ ଲିଓ-ସାଉଥ ଏସିଆର ଚିଫ୍ କ୍ରିଏଟିଭ ଅଫିସର ବିକ୍ରମ ପାଣ୍ଡେ କହିଛନ୍ତି, " ପଶ୍ଚିମବଙ୍ଗ ଓ ଓଡିଶା ଭଳି ପ୍ରମୁଖ ପୂର୍ବାଂଚଳ ରାଜ୍ୟଗୁଡିକ ସହିତ ଆମର ପ୍ରଥମ ବାର୍ତା ପାଇଁ ଆମେ ଏକ ବିଶ୍ୱସନୀୟ ସ୍ୱର ସହ ଆଗକୁ ବଢିବାକୁ ଚାହୁଁଥିଲୁ, ଯିଏ ଦାୟିତ୍ୱପୂର୍ଣ୍ଣ ଆର୍ଥିକ ଯୋଜନା ଦିଗରେ ପରିବର୍ତନ ପାଇଁ ଜଣେ ଉତ୍ପ୍ରେରକ ହୋଇପାରିବେ। ଆମେ ଲୋକପ୍ରିୟ ଅଭିନେତା ଅବିର ଚାଟାର୍ଜୀଙ୍କ ସ୍ୱର ଓ ଯାତ୍ରା ମାଧ୍ୟମରେ ଏହି ବାର୍ତାକୁ ଜୀବନ୍ତ କରିଛୁ। ଏହି କ୍ୟାମ୍ପେନ ମାଧ୍ୟମରେ ଆମେ ଦର୍ଶକଙ୍କ ଧ୍ୟାନ ଆକର୍ଷିତ କରିବା ଏବଂ ସେମାନଙ୍କୁ ନିଜ ପରିବାରର ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ଗତିଶୀଳ କରିବା ପାଇଁ ଆଶା ରଖିଛୁ।

ସରକାରୀ ରାସ୍ତା ଅବରୋଧ କରିଥିବା ମଣ୍ଡପ ଉଚ୍ଛେଦ ପାଇଁ ଦାବୀ

ନିଆଳି, : ଦିନକୁ ଦିନ ଦୁର୍ଘଟଣା ବଢୁଛି । ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଦୁର୍ଘଟଣାକୁ ଏଡାଇବା ପାଇଁ ରାସ୍ତା ପ୍ରସ୍ତସ୍ଥି କରଣ ସାଙ୍ଗକୁ ଅବରୋଧ ମୁକ୍ତ କରୁଛନ୍ତି । ସାଧାରଣତଃ ଲୋକେ ଯେପରି ରାସ୍ତାରେ ବିନା ସଙ୍କୋଚରେ ଯିବା ଆସିବା କରିବେ ସେଥିପାଇଁ କୋଟି କୋଟି ଟଙ୍କା ବିନିମୟରେ ରାସ୍ତା ନିର୍ମାଣ କରୁଛନ୍ତି । କିନ୍ତୁ କଟକ ଜିଲ୍ଲା ନିଆଳି ବଜାର ଠାରୁ ମାତ୍ର ଅଧ କିଲୋମିଟର ଦୂରରେ ସାହୁ ପାଲେସ ମଣ୍ଡପ ଜଣେ ବ୍ୟକ୍ତି ନିର୍ମାଣ କରିଛନ୍ତି । ମଣ୍ଡପଟି ନିଜ ଜମିରେ ନିର୍ମାଣ କରିଥିବା ବେଳେ ୩୦ ଫୁଟରୁ ଅଧିକ ସରକାରୀ ରାସ୍ତା ଜମିକୁ ଅକ୍ତିଆର କରି ଦୀର୍ଘ ବର୍ଷ ଧରି ବିବାହ,ବ୍ରତ, ସଭା ସମିତି କରିବା ଦ୍ୱାରା ଗାଡି ମଟର ଯାମ ହେଉଛି ଫଳରେ ଗାଡି ମଟର ଓ ସାଧାରଣ ଲୋକେ ଯିବା ଆସିବାରେ ବିଶୃଙ୍ଖଳା ସୃଷ୍ଟି ହେବା ସହିତ ସାହୁ ମଣ୍ଡପ ନିକଟରେ ଅନେକ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ଫୁଲ ନଖରା - ନିଆଳି ୬୦ ନମ୍ବର ରାସ୍ତାଟି କଟକ ଆର.ଆଣ୍ଡ.ବି ବିଭାଗ ଅଧିନରେ ରହିଛି । ଏହି ରାସ୍ତା ଦେଇ କଟକ,ପୁରି, ଭୁବନେଶ୍ୱର, ଜଗତସିଂହପୁର ଜିଲ୍ଲାକୁ ସଂଯୋଗ କରିଛି । ଏହି ରାସ୍ତା ଦେଇ ହଜାର ହଜାର ସରକାରୀ ଓ ବେସରକାରୀ ଛୋଟ ଓ ବଡ ଗାଡି ଯାତାୟାତ କରୁଛନ୍ତି । ଏହି ରାସ୍ତାକୁ ଅବରୋଧ ମୁକ୍ତ ପାଇଁ ଆର.ଆଣ୍ଡ.ବି ବିଭାଗ ଓ ନିଆଳି ତହସିଲ କାର୍ଯ୍ୟାଳୟ ପକ୍ଷରୁ ମାପଚୁପ ହେବା ସହିତ ନେଇ ଆର.ଆଣ୍ଡ.ବି ବିଭାଗ ଓ ନିଆଳି ତହସିଲ କାର୍ଯ୍ୟାଳୟ ପକ୍ଷରୁ ଚିହ୍ନଟ କରାଯାଇ ସିମେଣ୍ଟ ଖୁଣ୍ଟ ପୋତା ଯାଇଥିବା ପ୍ରମାଣ ଜଳ ଜଳ ହୋଇ ଦିଶୁଛି ।?

ସରକାରୀ ଜମି ଚିହ୍ନଟ ହେଲା ଏବଂ ସରକାରୀ ଜମି ନିକଟରେ ସିମେଣ୍ଟ ଖୁଣ୍ଟ ପୋତା ଗଲା । ନିଆଳି ଓ ବାହାରଣା ରାସ୍ତା ଉଚ୍ଛେଦ ହେଲା କିନ୍ତୁ ସାହୁ ପାଲେସ ମଣ୍ଡପ ୩୦ ଫୁଟରୁ ଅଧିକ ଚଉଡ଼ାରେ ଜମି ଜବରଦଖଲ କରିଥିଲେ ସୁଦ୍ଧା କାହିଁକି ଉଚ୍ଛେଦ କରାଯାଉନାହିଁ ବୋଲି ନିଆଳି ଅଞ୍ଚଳରେ ଅସନ୍ତୋଷର ଦାନା ବାନ୍ଧିଲାଣି । ୬୦ ନମ୍ବର ରାସ୍ତା ଠାରୁ ସାହୁ ପାଲେସ ମଣ୍ଡପ ପାହାଚ ପର୍ଯ୍ୟନ୍ତ ସରକାରୀ ଜମି ରହିଥିବା ପୁରି ଜିଲ୍ଲାରୁ ଆସି କଟକ ଜିଲ୍ଲା ନିଆଳିରେ ସରକାରୀ ରାସ୍ତା କିସମ ଜମିକୁ ଅବରୋଧ କରିଥିବା ଜଣେ ଅବରୋଧକାରୀ ବ୍ୟବସାୟୀଙ୍କୁ ସରକାରୀ ଜମିରୁ ହଟାଇବା ତ ଦୂରର କଥା ବରଂ ସହଯୋଗ କରୁଥିବା ନେଇ ଅଭିଯୋଗ ହୋଇଛି । ସରକାରୀ ଜମି ଜବରଦଖଲ କରି ବିବାହ, ବ୍ରତ ଓ ସଭାପତି କରି ମାଲେ ମାଲ ହେଉଛି ମଣ୍ଡପ ମାଲିକ । ସେପଟେ ରାସ୍ତା ଅବରୋଧ ଯୋଗୁଁ ଲୋକେ ତ୍ରାହି ତ୍ରାହି ଡାକିଲେଣି । ଯଦି ଦୁର୍ଘଟଣାରେ କେହି ମୃତାହତ ହୁଅନ୍ତି ତେବେ ଏଥିପାଇଁ ମଣ୍ଡପ ମାଲିକ ନାଁ ସ୍ଥାନୀୟ ପ୍ରଶାସନ ଦାୟୀ ରହିବେ । ବିବାହ ସମୟରେ ମଦୁଆଙ୍କ ପ୍ରାଦୁର୍ଭାବ ଯୋଗୁଁ ଦୁର୍ଘଟଣା ଆଶଙ୍କା ସୃଷ୍ଟି ହୋଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପ୍ୟାଙ୍କ ଜମି ନଥିବା ସ୍ଥାନରେ ମଣ୍ଡପ ଅନୁମତି ଦେଲା କିଏ ? ଖାଲି ସେତିକି ନୁହେଁ ସାହୁ ପାଲେସ ମଣ୍ଡପରେ ରାତି ଅଧରେ କେଉଁ ମାନେ ଯାତ ଯାତ କରୁଛନ୍ତି ମଣ୍ଡପ ସିସିଟିଭି ଯାଞ୍ଚ ସହିତ ଯେଉଁ ମାନେ ରାତିରେ ରହୁଛନ୍ତି ସେମାନଙ୍କ ପ୍ରମାଣ ପତ୍ର ଅଛିକି ନାହିଁ ଏଥିପ୍ରତି ଗୁଇନ୍ଦା ବିଭାଗ,କଟକ ଏସପି ଓ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବା ପାଇଁ ଦାବି ହୋଇଛି । ଅନ୍ୟପକ୍ଷରେ ସାହୁ ପାଲେସ ମଣ୍ଡପ ମାଲିକ ସରକାରୀ ଜମି ଜବରଦଖଲ ଉଚ୍ଛେଦ ନ ହେବା କାରଣରୁ ସାଧାରଣ ଲୋକେ କହିବା ଆରମ୍ଭ କଲେଣି ଏ କ'ଣ ପ୍ରଶାସନର ଗେହ୍ଲାପୁଅ କି ? ଏ ସମ୍ପର୍କରେ ନିଆଳି ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ନିଆଳି ବିଧାୟକ ଓ କଟକ ଜିଲ୍ଲାପାଳ ଦୃଷ୍ଟି ଦେବା ସହିତ ସରକାରୀ ଜମିରୁ ଜବରଦଖଲ ମୁକ୍ତ ପାଇଁ ଦାବି ହୋଇଛି।

ମୁରିବାହାଲ ସିଏଚ୍‌ସିରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ

ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ନିଯୁକ୍ତି ହେବେ : ବିଧାୟକ

ମୁରିବାହାଲ, : ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସଭା ଗୃହରେ ରୋଗୀ କଲ୍ୟାଣ ସମିତିର ସାଧାରଣ ପରିଷଦ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁରିବାହାଲ ସିଏଚସି ସୁପରିଟେଣ୍ଡନ ଡ. ଅବିର ମେହେରଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ରୋଗୀ କଲ୍ୟାଣ ସମିତି ଅଧ୍ୟକ୍ଷ ତଥା କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ବ୍ଲକ ଅଞ୍ଚଳର ଦୀର୍ଘ ଦିନର ଦାବୀ ମୁତାବକ ତଥା ଚଳିତ ବର୍ଷ ଏବେ ସୁଦ୍ଧା ବ୍ଲକର ୫ଜଣ ପ୍ରସୂତିଙ୍କ ମୃତ୍ୟୁ ହୋଇସାରିଥିବାରୁ ସିଏଚସିରେ ଜଣେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ସହ ଅନ୍ୟ ବିଶେଷଜ୍ଞ ପଦବୀ ନିଶ୍ଚିତ ପୂରଣ କରାଯିବ ବୋଲି ସେ ନିର୍ଭର ପ୍ରତିଶୃତି ଦେଇଛନ୍ତି।ବୈଠକ ଚାଲିଥିବା ବେଳେ ସେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ସହ ଆଲୋଚନା କରି ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦିଆଯିବ ବୋଲି ପ୍ରକାଶ କରିଥିଲେ।ଏହା ସହିତ ଏହି ସିଏଚସିରେ ନିଯୁକ୍ତି ପାଇ ଦରମା ନେଉଥିବା ବେଳେ ଜାମଗାଁ ସିଏଚସିକୁ ଡେପୁଟେଶନରେ ଯାଇଥିବା ଡ ବୀଣାପାଣି ସାହୁଙ୍କ ଡେପୁଟେସନ୍ ମଧ୍ୟ ବାତିଲ କରାଯିବ ବୋଲି ବିଧାୟକ ପ୍ରକାଶ କରିଥିଲେ।ପ୍ରତିଦିନ ସିଏଚସିକୁ ସଫା ସୁତୁରା ରଖିବା,ସିସିଟିଭି କ୍ୟାମେରା ତଦାରଖ,ରୋଗୀଙ୍କୁ ଠିକ୍ ସମୟରେ ସମସ୍ତ ପ୍ରକାରର ଆବଶ୍ୟକ ଚିକିତ୍ସା ସେବା ଯୋଗାଇ ଦିଆଗଲେ ଏହା ରେଫରାଲ ହସ୍ପିଟାଲ ହେବ ନାହିଁ ଓ ବର୍ଷେ ତାଣ୍ଡି,ସିଡିପିଓ ପୂର୍ଣ୍ଣିମା ବୈଠାରୁ,ଏବିଇଓ କୈଳାସ ଚନ୍ଦ୍ର ଭୋଇ,ଡ ଶୁଭମ୍ ପରିଡ଼ାଙ୍କ ସହ ରୋଗୀ କଲ୍ୟାଣ ସମିତି ସଦସ୍ୟ ଗଙ୍ଗାଧର ହେର୍ଣ୍ଣା,ଖଗେଶ୍ୱର ସାହୁ,ସୁଧାଂଶୁ ପୋଡ ଯାଦବ,ପଦ୍ମଲୋଚନ ସାହୁ,

ପରେ ବି ସ୍ଥାଣୁ ପାଲଟିଥିବାରୁ ପ୍ରତି ୩ମାସରେ ରୋଗୀ କଲ୍ୟାଣ ସମିତି ବୈଠକ କରାଯିବା ପାଇଁ ବିଧାୟକ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ।ପିଏଚସି ରୁ ସିଏଚସି ହେଲା ପରେ ବି ୨୪ଘଣ୍ଟା ଖୋଲାନରହି ଦିନ ୧୨ଟାରେ ଆଉଟ୍ ଡୋର ବନ୍ଦ ରହୁଥିବା ବେଳେ ଏହା ଏକ ରେଫରାଲ ହସ୍ପିଟାଲ ପାଲଟିଥିବା ସମାଜସେବୀ ନାରାୟଣ ସାହୁ ଗୁରୁତର ଅଭିଯୋଗ କରିଥିଲେ।ସମ୍ମାନିତ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେର,ସାଂସଦ ପ୍ରତିନିଧି ଶ୍ରୀବତ୍ସ ବେହେରା,ଅର୍ଥ ଅଧିକାରୀ ଘେନୁରାମ ଦିବ୍ୟସୁନ୍ଦର ସାହୁ,ହିମାଂଶୁ ଜାଲ, ଦୈତାରୀ ହାତୀ ଓ ସମିତି ସଭ୍ୟ ଚକ୍ରଧର ହେର୍ଣ୍ଣାଙ୍କ ସହ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ।ସିଏଚସିର ଫାର୍ମାସିଷ୍ଟ ମାନସ ଦଳାଇ,ବାମ ଘନଶ୍ୟାମ ମେହେର, ପିଏଚଇଓଙ୍କ ସହ ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀ ସହଯୋଗ କରିଥିଲେ।କାର୍ଯ୍ୟକ୍ରମ ସଂଯୋଜନା କରୁଥିବା ବିପିଏମ ଯୁଗଳ କିଶୋର ସାହୁ ସିଏଚସିର ବିଭିନ୍ନ ଆୟବ୍ୟୟ ତଥ୍ୟ ପ୍ରଦାନ ଓ ଶୌଚାଳୟର ଅସୁବିଧା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଧନ୍ୟବାଦ୍ ଦେଇଥିଲେ।

ଅଞ୍ଚଳ ମହାବିଦ୍ୟାଳୟରେ ପିଜି ଖୋଲିଲା

ବରଗଡ, : ଅଞ୍ଚଳ ମହାବିଦ୍ୟାଳୟ, ପଦ୍ମପୁର ରେ ଦୀର୍ଘ ଦୁଇ ବର୍ଷ ପୂର୍ବରୁ ଦଶଟି ବିଭାଗରେ ପିଜି ଖୋଲିବା ପାଇଁ ଉଚ୍ଚଶିକ୍ଷା ବିଭାଗକୁ ପ୍ରସ୍ତାବ ଦିଆଯାଇଥିବା ବେଳେ ଓଡ଼ିଆ, ଇଂରାଜୀ, ଅର୍ଥନୀତି, ଇତିହାସ ଓ ରାଜନୀତି ବିଜ୍ଞାନ ରେ ଏମ.ଏ. ରସାୟନ, ଉଦ୍ଭିଦ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ ରେ ଏମ.ଏ. ସି. ଏବଂ ଏମ. କମ୍ ଚଳିତ ବର୍ଷ ୨୦୨୫-୨୬ରୁ ନାମ ଲେଖାଇବା ପାଇଁ ଉଚ୍ଚ ଶିକ୍ଷା ବିଭାଗର ଏଚ.ପି.ସି.ଦ୍ୱାରା ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିପାଇଁ ସମଗ୍ର ପଦ୍ମପୁର ଅଞ୍ଚଳର ଛାତ୍ରଛାତ୍ରୀ, ଅଭିଭାବକ ଓ ବୁଦ୍ଧିଜୀବି ମହଲରେ ଆନନ୍ଦ ପ୍ରକାଶ

ପାଉଛି। କଲେଜର ଅଧ୍ୟକ୍ଷ ପ୍ରଫେସର ଲଳିତ ମୋହନ ପଣ୍ଡାଙ୍କ ସମେତ ଏଡମିନିଷ୍ଟ୍ରେଟିଭ୍ ବର୍ଷାର ପ୍ରାଧ୍ୟାପକ ଖଗେଶ୍ୱର ଦାଶ, ଏକାଡେମିକ୍ ବର୍ଷାର ପ୍ରାଧ୍ୟାପକ ପ୍ରଭାତ କୁମାର ମହାପାତ୍ର, ଆଇ.କ୍ୟୁଏ.ସି. କୋର୍ଡିନେଟର ନବକୃଷ୍ଣ ମିଶ୍ର, ପ୍ରାଧ୍ୟାପକ ତାରାପ୍ରସାଦ ଶତପଥି, ପ୍ରାଧ୍ୟାପିକା ତାପିନୀ ପଣ୍ଡା, ଡ଼ ସରୋଜ କୁମାର ନାଏକ, ଡ଼ ତୁଷାର କାନ୍ତ ସାହୁ, ଅଧ୍ୟାପକ ପ୍ରମୋଦ ତ୍ରିପାଠୀ, ଅଧ୍ୟାପକ ପ୍ରମୋଦ ପାଣଗ୍ରାହୀ, ଅଧ୍ୟାପକ ସନ୍ତୋଷ ମିଶ୍ର, ରାଧାକାନ୍ତ ପଣ୍ଡା ଓ ସମସ୍ତ ପ୍ରାଧ୍ୟାପକ, ପ୍ରାଧ୍ୟାପିକା, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସରକାରଙ୍କଠାରେ କୃତଜ୍ଞତା ଜ୍ଞାପନ କରିଛନ୍ତି।

ସିଟି ବସ ଧକ୍କାରେ ସ୍କୁଟର ଆରୋହୀ ମୃତ

କେନ୍ଦ୍ରାପଡ଼ା, : କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ କେନ୍ଦ୍ରାପଡ଼ା-ଇନ୍ଦୁପୁର ରାସ୍ତାର ରାମଚନ୍ଦ୍ରପୁର ଛକ ନିକଟରେ ଏକ ବସ ଧକ୍କାରେ ଜଣେ ସ୍କୁଟର ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ହେଉଛନ୍ତି ସଦର ଥାନା ଅନ୍ତର୍ଗତ ଗୁଲନଗର ପ ।ୟତର ସୁଜାନଗର ଗ୍ରାମର ନାମ ଉଲମ ସାହୁ। ଖବର ନେବାରୁ ଜଣାପଡିଛି ଯେ ଉଲମ ରାମ ଚନ୍ଦ୍ରପୁର ଠାରେ ଏକ ତେଜେରାତି ଦୋକାନ କରି ପରିବାର ପୋଷଣ କରନ୍ତି । ସେ ବାରିମୂଳକୁ କୌଣସି କାର୍ଯ୍ୟରେ ଯାଇଥିଲେ। ଦିନ ପ୍ରାୟ ୨ଟା ରେ ନିଜ ଘରକୁ ଏକ ସ୍କୁଟର ଯୋଗେ ଫେରୁଥିବା ବେଳେ ପଛ ପଟୁ ଆସୁଥିବା ଏକ ସରକାରୀ ସିଟି ବସ ଧକ୍କା ଦେଇଥିଲା। ଫଳରେ ଉ ମଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। କିନ୍ତୁ ସେ ବଂଚିଥିବା ଭାବି ସ୍ଥାନୀୟ ଲୋକେ ତାଙ୍କୁ କେନ୍ଦ୍ରାପଡ଼ା ଡାକ୍ତରଖାନା ନେଇଥିଲେ। ହେଲେ ସେତେବେଳକୁ ତାଙ୍କ ଜୀବନ ଦ୍ୱୀପ ଲିଭି ଯାଇଥିଲା। ଫଳରେ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ସରକାରୀ ସିଟି ବସ ଚାଳକ ବେପରୁଆ ଭାବେ ଗାଡି ଚଳାଉଥିବାରୁ ଏହି ଦୁର୍ଘଟଣା ଘଟିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସଦରଥାନା ପୁଲିସ ବସ ଓ ସ୍କୁଟିକୁ ସଦରଥାନକୁ ନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଛି ।

ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବରଗଡ଼, : ପାଇକମାଲ ବ୍ଲକ ଅନ୍ତର୍ଗତ ମାଣ୍ଡୋସିଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଶ୍ରୀଯୁକ୍ତ ତପନ କୁମାର ପ୍ରଧାନଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ପରମେଶ୍ୱର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ଅଧ୍ୟାପକ ଶ୍ରୀଯୁକ୍ତ ତେଜରାଜ ସାହୁ ଓ ଅନ୍ୟାନ୍ୟ ଅଧ୍ୟାପକ ବୈବସ୍ୱତ ପ୍ରଧାନ, ଶଙ୍କର ମହାକୁର, ପିଙ୍କୁ ନାଏକ, ବେଣୁ କୁମ୍ଭାର, ଓ ଅଧ୍ୟାପିକା ବର୍ଷାରାନୀ ସାହୁ,କର୍ମଚାରୀ ସୂର୍ଯ୍ୟ ଖୁଣ୍ଟିଆ, ନରେଶ୍ୱର ସାହୁ, ଦେବରାଜ ମେହେର ସ୍ମୃତି ଚାରଣ କରିଥିଲେ। ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ଚାକିରୀ ଜୀବନରୁ ଅବସର ନେଇଥିବା ଶ୍ରୀଯୁକ୍ତ ପ୍ରଧାନଙ୍କ ଅବସର କାଳୀନ ଜୀବନର ନିରାମୟ କାମନା କରି ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହା ସହିତ ବିଦାୟ ନେଇଥିବା ଚତୁର୍ଥ କର୍ମଚାରୀ ଶ୍ରୀଯୁକ୍ତ ଲାଲା ପଟେଲଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମର ମଞ୍ଚ ସଂଚାଳନ ଅଧ୍ୟାପକ ଶ୍ରୀଯୁକ୍ତ ରିପନ କୁମାର ସାହୁ କରିଥିବା ବେଳେ ଅନ୍ୟାନ୍ୟ କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ । ଆୟୋଜନ ଓ ପରିଚାଳନା ଦିଗରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ପରିଶେଷରେ ଅଧ୍ୟାପିକା ଜୟଶ୍ରୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।